### ପୁନଃ କାର୍ଯ୍ୟକ୍ଷମ ହେବ ଓଡ଼ିଶା କତା ନିଗମ

# କତା ଯୋଗାଇବ କର୍ମନିଯୁକ୍ତି

ଭୁବନେଶ୍ୱର,୨୩।୭(ବ୍ୟୁରୋ): ଭାରତ ସରକାରଙ୍କ କଏର ବୋର୍ଡ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନସ୍ଥ କତା ନିଗମ ପୁଣି କାର୍ଯ୍ୟକ୍ଷମ ହେବ। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ ଓ ମୟୂରଭଞ୍ଜରେ ଏହି କାର୍ଯ୍ୟକ୍ରମ ଚାଲୁଛି। କଏର ବୋର୍ଡର ବିକାଶ କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଏବଂ ନୂତନ ମାର୍କେଟିଂ ପନ୍ଥା ଖୋଜିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି କଏର ବୋର୍ଡ ଭୁବନେଶ୍ୱର ଆଞ୍ଚଳିକ ଶାଖା ପରିସରରେ ଆୟୋଜିତ ସାମ୍ବିଧିକ ସମ୍ମିଳନୀରେ ବୋର୍ଡ ମୁଖ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ (ଯୋଜନା) ଏମ୍ କ୍ରିଷ୍ଣା ପ୍ରକାଶ କରିଛନ୍ତି।

ଶ୍ରୀ କ୍ରିଷ୍ଣା କହିଥିଲେ, ରାଜ୍ୟରେ ଥିବା ଓଡ଼ିଶା କୋପରେଟିଭ୍ କଏର କର୍ପୋରେସନ୍‌କୁ ପୁନର୍ବାର କାର୍ଯ୍ୟକ୍ଷମ କରାଯିବ। ଏହାଦ୍ୱାରା ୫୦ ହଜାର ମହିଳାଙ୍କୁ ନିଯୁକ୍ତି ସୁଯୋଗ ମିଳିବ। କତାରୁ ପ୍ରସ୍ତୁତ ଆସବାବପତ୍ର ସ୍କୁଲର ବେଞ୍ଚ ଓ ଡେସ୍କ ସହିତ ଅନ୍ୟାନ୍ୟ ସ୍ଥାନରେ ବ୍ୟବହାର କରାଯିବ। ସ୍କୁଲରେ ଏହି ଆସବାବପତ୍ର କିଭଳି ବ୍ୟବହାର କରାଯାଇ ପାରିବ ସେଥିପାଇଁ ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ନିର୍ଦ୍ଦେଶକ ଓ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସଚିବ ଓ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଏହି ବାବଦକୁ ୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ଥିବା ଶ୍ରୀ. କ୍ରିଷ୍ଣା ସୂଚନା ପ୍ରଦାନ କରିଛନ୍ତି।

ବାଲେଶ୍ୱର ଜିଲ୍ଲା ଭୋଗରାଇ, ପିପିଲିର ଦେଲାଙ୍ଗରେ ରଘୁନାଥ କଏର ଇଣ୍ଡଷ୍ଟ୍ରି, କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା, ପୁରୀ ଜିଲ୍ଲା ସତ୍ୟବାଦୀଠାରେ ରାଧାରାଣୀ କ୍ଲଷ୍ଟର ଓ ଜାଜପୁର, ଗୋପଠାରେ କୋଣାର୍କ କ୍ଲଷ୍ଟର ଖୋଲାଯିବ। କେନ୍ଦ୍ର ସରକାରଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କତା ବୋର୍ଡ ଭୁବନେଶ୍ୱର ଦ୍ୱାରା ଏଭଳି କାର୍ଯ୍ୟ କରାଯିବ। ଏହି ସମସ୍ତ କାମକୁ ତଦାରଖ କରିବାକୁ କେନ୍ଦ୍ରର ସ୍ପିନ ଇନ୍‌କ ଓ ଅପିନ୍‌କୋ ନାମକ ଦୁଇଟି ସଂସ୍ଥା ଦାୟିତ୍ୱ ନେଇଛନ୍ତି। ଏତଦ୍ ବ୍ୟତୀତ ବାଲେଶ୍ୱରଠାରେ ଖୋଲିବାକୁ ଥିବା ବ୍ୟବସାୟ ଆଉଟଲେଟ୍‌ରେ ବିଭିନ୍ନ ପ୍ରକାରର କତା ସାମଗ୍ରୀ ବିପଣନ କରାଯିବ। ଡେମୋନ୍‌ଷ୍ଟ୍ରେସନ୍ ଡିସପ୍ଲେ ପ୍ରିଣ୍ଟିଂ, ଟ୍ରେନିଂ ଓ ମାର୍କେଟିଂ କାମରେ ଏହି କାରବାର ଚାଲିବ।

କତା ଶିଳ୍ପ ସହିତ ଜଡ଼ିତ ସେହି ଅଞ୍ଚଳବାସୀଙ୍କୁ କିପରି ଅତ୍ୟାଧୁନିକ ତାଲିମ ପ୍ରଦାନ କରାଯାଇପାରିବ ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ କିଭଳି ମାର୍କେଟିଂ ସୁବିଧା ମିଳିବ ସେ ଦିଗରେ ଏହି ପ୍ରତିଷ୍ଠାନ କାମ କରିବ। ଏଭଳି ଯୋଜନା ବିଷୟରେ ରାଜ୍ୟର ସବୁ ଜିଲ୍ଲାରେ ସଚେତନ କାର୍ଯ୍ୟକ୍ରମ କରିବାର ବ୍ୟବସ୍ଥା ରହିଥିବା କୁହାଯାଇଛି।

ଏହି ବିଷୟରେ ଏମ୍‌ଏସ୍‌ଏମ୍‌ଇ ବିଭାଗ, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଶିଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ସଚିବ ଏବଂ କଏର ଇଣ୍ଡଷ୍ଟ୍ରିର ବିକାଶ ବିଷୟରେ ସ୍ୱତନ୍ତ୍ର ସଚିବଙ୍କ ସହ ଶ୍ରୀ କ୍ରିଷ୍ଣା ବିସ୍ତୃତ ଆଲୋଚନା କରିଥିଲେ। ଏଥିପାଇଁ ମୁଖ୍ୟ ସଚିବ କଏର ବୋର୍ଡକୁ ସମସ୍ତ ସହଯୋଗ ଏବଂ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

**ସ୍କୁଲରେ ବ୍ୟବହାର ହେବ କଏର ଉଡ୍ ଆସବାବପତ୍ର**

**କତାଶିଳ୍ପର ବିକାଶ ପାଇଁ ୫ଟି ସ୍ଥାନରେ କଏର କ୍ଲଷ୍ଟର ଖୋଲାଯିବ**

**୫୦ ହଜାର ମହିଳାଙ୍କୁ ମିଳିବ କର୍ମନିଯୁକ୍ତି**



କଏର ବୋର୍ଡ ଭୁବନେଶ୍ୱର ଆଞ୍ଚଳିକ ଶାଖା ପରିସରରେ ଆୟୋଜିତ ସାମ୍ବିଧିକ ସମ୍ମିଳନୀରେ ଉପସ୍ଥିତ ଅଧିକାରୀବୃନ୍ଦ

## ଗ୍ରାମାଞ୍ଚଳ ରାସ୍ତାରେ ବ୍ୟବହାର ହେବ କତା

ଭୁବନେଶ୍ୱର,୨୩।୭(ବ୍ୟୁରୋ): ଗାଁ ଗହଳିର ରାସ୍ତା ଗୁଡ଼ିକ ତିଆରି ହେବାର ମାତ୍ର କିଛି ବର୍ଷ ପରେ ଏହାର ସ୍ଥିତି ଖରାପ ହୋଇଯାଉଛି। ତେଣୁ ଜିଓ ଟେକ୍‌ନୋଲୋଜି ଦ୍ୱାରା ପିଚୁ ରାସ୍ତା ବ୍ୟବହାର ସମୟରେ କତାର ଜାଲି ରାସ୍ତା ନିର୍ମାଣ ବେଳେ ବ୍ୟବହାର କରାଯିବ। ଏଥିପାଇଁ ୪୭୦ କିଲୋମିଟର ରାସ୍ତାକୁ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଛି। ଗ୍ରାମାଞ୍ଚଳ ରାସ୍ତାକୁ ଅଧିକ ଦିନ ମଜବୁତ ରଖିବା ପାଇଁ ଚେନ୍ନାଇର ଆଇଆଇଟି ପ୍ରସ୍ତୁତ ଜିଓ ଟେକ୍ନୋଲୋଜି ପରିକଳ୍ପନା କରିଛି। ଖାଲି ସେତିକି ନୁହେଁ ରେମସ୍ ଦ୍ୱାରା ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ହେବ। ଆଇଆଇଟି ଚେନ୍ନାଇର ବୈଜ୍ଞାନିକ ଟିମ୍ ଓ ବୈଜ୍ଞାନିକମାନଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା ଏହି ଟେକ୍‌ନୋଲୋଜି ଉପରେ ଭାରତରେ ଅନେକ ସ୍ଥାନରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଉଛି। ଯାହାକୁ ପରବର୍ତ୍ତୀ ସମୟରେ ଓଡ଼ିଶାରେ ବ୍ୟବହାର ପାଇଁ ଯୋଜନା କରାଯାଉଛି। ଓଡ଼ିଶା ସରକାର ବି ଦୀର୍ଘସ୍ଥାୟୀ ରାସ୍ତା ପାଇଁ କତାର ବ୍ୟବହାରକୁ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି।

# COIR WILL GENERATE EMPLOYMENT.

Coir Corporation will again active by the Coir Board, Ministry of MSME, Govt. of India. Coir activities are now going on in Puri, Khordha, Nayagarh, Ganjam Cuttack, Jajpur, Kendrapara, Jagatsingpur, Keonjhar, Balasore, Bhadrak, Dhenkanal, Mayurbhanj. The Joint Director ( Planning), Coir Board addressed the gathering at the Regional Office, Coir Board, Bhubaneswar for formulating different schemes to achieve the developmental activities of Coir Board and to open new marketing strategies.

Shri Krishna Said, 50,000 women artisans will be benifitted after re - functioning of Orissa Co.op Coir Corporation. Furnitures made out of coir to be used in School Bench and desk along with in other places. Further, Shri Krishna discussed with Principal Secretary, MSME, Govt. of Odisha and Secretary of School and Mass Education, Govt. of Odisha how to use the coir furniture in School, for this 20 Crores will be earmarked.

Five Clusters in Rajakanika ,Kendrapara, Bhogarai, Balasore, Radharani & Konarak, Gop in Puri districts are going to function under the SFURTI Scheme of Ministry of MSME,Govt. of India. Two agencies namely ITCOT and APITCO of Chhenai and Andhra Pradesh respectively have engaged for looking after the above 5 clusters.

Besides this, one Business Development Centre will open at Balasore Dist for sale and display of different coir products and provide market facilities to the local entrepreneurs, also provide training on modern technology to coir artisans. Awareness programmes will organise in all districts of Odisha to promote schemes and services of Board.

Shri Krishan also discussed with Principal Secretary, MSME Deptt. Govt. of Odisha, Director of Industries, Additional Secretary for development of coir industry in the State and the Principal Secretary, MSME, Govt. of Odisha assured to provide all kind of supports at any time.

## COIR USED IN RURAL ROAD.

Rural roads are being washed out after few years of its construction, for that a new technology developed by IIT, Chennai called Geo-Technology ( Coir Geo-Textile) which has been used alogwith Pichhu for strengthening the road. Nearly about 470 kms will be used in first phase. Not only this, ORMAS shows their interest to work on the above new technology. This technology has already been used in different places of North India on experimental basis. Now, Govt. of Odisha has also bestowed the green signal for the use of coir geo textile in rural road for longevity.